## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମିଶ୍ରଙ୍କ ବୁଗୁଡ଼ା ସୀମାନ୍ତ ମାର୍କେଟ ନିଜ ବାସଭବନରେ ୭୪ ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ସେ ଖୋଲାଖାଲି, ପଙ୍କଳବାଡି, ମରାଇପଲ୍ଲୀ, ହରିଶଚନ୍ଦ୍ରପୁର, ବୁଗୁଡ଼ା ଗୋଲାସାହି ଓ ପରିଶେଷରେ ସୋଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ସମ୍ପନ୍ନ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ଅଞ୍ଚଳର ଶତାଧିକ ବ୍ୟକ୍ତି ଉପସ୍ଥିତ ହୋଇଥିଲେ। ମୃତ୍ୟୁ ବେଳେ ତାଙ୍କ ସହଧର୍ମିଣୀ ବିଚ୍ଛେଦ ମିଶ୍ର, ଜ୍ୟେଷ୍ଠ ପୁତ୍ର ବିଭୂତି ଭୂଷଣ ମିଶ୍ର, କନିଷ୍ଠ ପୁତ୍ର ବିନୋଦ ବିହାରୀ ମିଶ୍ର, ଷଡୁ ବିଶ୍ୱମୋହନ ମିଶ୍ର ଓ ସମସ୍ତ ପରିବାର ପରିଜନ ଉପସ୍ଥିତ ଥିଲେ।

### ପେଟ୍ରୋଲ ଢ଼ାଳି ଶ୍ୱଶୁର ଘରେ ପଶିଲେ ଜ୍ୱାଇଁ, ୪ ଆହତ

ଗୋପାଳପୁର,୩୦।୧୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଶ୍ୱଶୁର ଘରେ ଜ୍ୱାଇଁ ପଶିଯିବାରୁ ୪ ଜଣ ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧିନ କେ ସୁବାଣୀ ଗ୍ରାମର ସନ୍ଧ୍ୟା ବେହେରାଙ୍କ ସହିତ ସେହି ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଗତ ତିନି ବର୍ଷ ତଳେ ବାହାଘର ହୋଇଥିଲା। ବିଭିନ୍ନ ସମୟରେ ପ୍ରଶାନ୍ତ ଓ ତାଙ୍କ ବାପା ଜଗନ୍ନାଥ ସନ୍ଧ୍ୟାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୨୬ ତାରିଖରେ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ପ୍ରଶାନ୍ତ ଓ ବାପା ଜଗନ୍ନାଥ ମିଶି ସନ୍ଧ୍ୟାଙ୍କୁ ଘରୁ ତଡି ଦେଇଥିଲେ। ବୁଧବାର ରାତିରେ ସନ୍ଧ୍ୟା ମା ଘର ବାରଣ୍ଡାରେ ବସିଥିବା ବେଳେ ପ୍ରଶାନ୍ତ ନିଜ ଦେହରେ ପେଟ୍ରୋଲ ଢ଼ାଳି ହୋଇ ଶ୍ୱଶୁର ଘରେ ପଶି ଯାଇଥିଲେ। ଫଳରେ ତାଙ୍କ ଘରର ଚାରି ଜଣ ଆହତ ହୋଇଥିଲେ। ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଜୀବନ ସହିତ ପ୍ରଶାନ୍ତ ଲଢେଇ କରୁଛନ୍ତି। ତାଙ୍କର ୭୦ ଶତକଡା ଦେହ ପୋଡ଼ି ଯାଇଛି। ଏ ନେଇ ସନ୍ଧ୍ୟାଙ୍କ ଭାଇଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୬୧୮/୨୩ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳେଇଛି। ଅନ୍ୟପଟେ ପ୍ରଶାନ୍ତଙ୍କୁ ଶଶୁର ଘର ଲୋକ ନିସ୍ଥୁକ ମାଡ଼ ମାରି ପେଟ୍ରୋଲ ଢ଼ାଳି ଦେଇଥିବା ନେଇ ଗୋଳନ୍ଥରା ଥାନାରେ ପ୍ରଶାନ୍ତଙ୍କ ପରିବାର ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୨୧/୨୩ରେ ଉଭୟ ମାମଲା ରୁଜୁ କରି ତଦନ୍ତ ଚଳେଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)– ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେଏକ ନିକଟରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗ୍ରାମର ସୁଦର୍ଶନ ନାୟକ(୨୪) ଓ ଆହତ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡାର ସନ୍ତୋଷ ନାୟକ। ସନ୍ତୋଷ ତାଙ୍କ ଶ୍ୱଶୁର ଘର ଜଗନ୍ନାଥପ୍ରସାଦ ନିକଟ କୁମ୍ଭାପଡା ଗ୍ରାମରେ ସ୍ତ୍ରୀଙ୍କୁ ଛାଡି ବାଇକ ଯୋଗେ ଫେରୁଥିବା ବେଳେ ଗୁରୁବାର ଅପରାହ୍ନରେ ଜେଏକ ଗ୍ରାମରୁ ଉଦୟପୁର ଫେରୁଥିବା ସୁଦର୍ଶନଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିଲା। ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୦।୧୧(ଅଶେଷ ନାଥ ମିଶ୍ର)–ଦିଗପହଣ୍ଡି ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସସ୍ମିତା କୁମାରୀ ପାଠୀ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ଏବଂ ଅର୍ଥନୀତି ଅଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅବସରଗ୍ରହଣ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ଏନ୍ଏସିର ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଞ୍ଚା ମାଲର ଅଭାବ, ଚିନ୍ତାରେ ଶିଙ୍ଘ କାରିଗର

ପାରଳାଖେମୁଣ୍ଡି, ୩୦।୧୧ (ଗିରିଧାରୀ ପରିଚ୍ଛା):


ଶିଂଘରେ ନିର୍ମିତ ଘରେଇ ସାଜସଜ୍ଜା।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଶିଂଘରେ ନିର୍ମିତ ଘରେଇ ସାଜସଜ୍ଜା ଉପକରଣ ପ୍ରସିଦ୍ଧି ଲାଭ କରିଛି। ଶିଙ୍ଘରେ ନିର୍ମିତ ଏହି ଘରୋଇ ଉପକରଣ ପ୍ରସ୍ତୁତ କାରୁକାର୍ଯ୍ୟ ପ୍ରାୟ ୨୦୦ ବର୍ଷ ପୁରୁଣା ଅଟେ। ତତ୍କାଳୀନ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହି କାରିଗରମାନଙ୍କ ପ୍ରତି ବିଶେଷ ଦୃଷ୍ଟିଦେଇ ଘରୋଇ ସାଜସଜ୍ଜା ଉପକରଣଗୁଡ଼ିକୁ କାରିଗରମାନଙ୍କ ଦ୍ୱାରା ନିର୍ମାଣ କରାଇ ବିଶ୍ୱ ବିଖ୍ୟାତ କରାଇଥିଲେ। ମଇଁଷି ଶିଂଘରେ ନିର୍ମିତ ବିଭିନ୍ନ ଉପକରଣ ଯଥା ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା, ଚିଙ୍ଗୁଡ଼ି, ବଗ, ମୟୂର ଓ ଘରେ ଘରେ ଥିବା ଶିଂଘର ପାନିଆ ଲୋକଙ୍କୁ ଆକୃଷ୍ଟ କରୁଥିଲା। ପାରଳାଖେମୁଣ୍ଡିର ରାଜଦାଣ୍ଡ ସାହିର ପ୍ରାୟ ୮୦ ପରିବାର ଏହି କୌଳିକ ବୃତ୍ତି କରି ନିଜର ଜୀବିକା ନିର୍ବାହ କରୁଥିଲେ। କଞ୍ଚାମାଲର ଅଭାବ ସାଙ୍ଗକୁ ବ୍ୟବସାୟରେ ମାନ୍ଦାବସ୍ଥା ଯୋଗୁଁ କ୍ଷତି ସହି ଏହି ପରିବାରମାନେ ଧୀରେ ଧୀରେ ନିଜର କୌଳିକ ବୃତ୍ତି ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ପ୍ରାୟ ୨୦ ପରିବାର ବିଭିନ୍ନ ପ୍ରକାରର ସମସ୍ୟା ସହ ଲଢ଼େଇ କରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ବେଳେ ବ୍ୟବସାୟ ପୁରା ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହେଉଛି ବୋଲି କୃଷ୍ଣଚନ୍ଦ୍ର ମହାରଣା, ଜୀବନ ମହାରଣା କହିଛନ୍ତି। ଯଦି ସରକାରଙ୍କ ତରଫରୁ କଞ୍ଚାମାଲ ଯୋଗାଇ ଦିଆଯାଏ ତେବେ ପାରଳାଖେମୁଣ୍ଡିର ଏହି ଶିଂଘ କାରୁକାର୍ଯ୍ୟ ପୁଣି ଥରେ ଏହାର ଗରିମା ଫେରିପାଇବ ଏବଂ ଏହି କାରିଗରମାନେ ମଧ୍ୟ ଭଲ ବ୍ୟବସାୟ କରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ପାରିବେ ବୋଲି କହିଛନ୍ତି ପୂର୍ବତନ ସଭାପତି ପ୍ରଫୁଲ୍ଲ ମହାରଣା।

# ଜି.ଉଦୟଗିରି ଏନ୍ଏସି ଉପନିର୍ବାଚନ
# ବିଜେଡି ପ୍ରାର୍ଥିନୀ ଦେବସ୍ମିତା ଶତପଥୀ ବିଜୟୀ

ଜି.ଉଦୟଗିରି,୩୦।୧୧(ଶିଶିର ପଟ୍ଟନାୟକ)



ଜି.ଉଦୟଗିରି ଏନ୍ଏସି ଅଧ୍ୟକ୍ଷ ଉପ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା ହୋଇଛି। ବିଜେଡି ପ୍ରାର୍ଥିନୀ ଦେବସ୍ମିତା ଶତପଥୀ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ସାହୁ କହିଛନ୍ତି। ଦେବସ୍ମିତା ୩୧୧୧ଟି ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରଞ୍ଜିତା ନାୟକ ମାତ୍ର ୭୩୭ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ମଧୁଲିନା ଦିଗାଲ ୬୨୭ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ନୋଟାରେ ୪୪ଖଣ୍ଡ ଭୋଟ ପଡିଛି। ଦେବସ୍ମିତା ବିଜୟୀ ହେବା ପରେ ବିଜୟର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କୁ ଦେଇଛନ୍ତି।

# କେଶପୁର କଲେଜରେ ଆଇୱାଇଡିପି କାର୍ଯ୍ୟକ୍ରମ

ଖଲ୍ଲିକୋଟ,୩୦।୧୧(ପ୍ରଶାନ୍ତ କୁମାର ମିଶ୍ର)


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇଣ୍ଟିଗ୍ରେଟେଡ଼ ୟୁଥ ଡେଭେଲମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ୩୦ ନଭେମ୍ବରରେ ଆରମ୍ଭ ହୋଇ ଡିସେମ୍ବର ୬ ଯାଏ ଚାଲିବ। କଲେଜ ଅଧ୍ୟକ୍ଷ ପ୍ରମୋଦ ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ବିଡିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି, ରେଡ଼କ୍ରସ ସୋସାଇଟିର ଜିଲା କୋଡିନେଟର ଗୋବିନ୍ଦ ରାଓ, ଶ୍ରୀକୃଷ୍ଣ ଶରଣପୁର ସରପଞ୍ଚ ରୁବିଲତା ସାହୁ, ସମିତିସଭ୍ୟ ରାଜୁ ତରେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା କଲେଜ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ କରାଯାଉଥିବା ଏହି କାର୍ଯ୍ୟକ୍ରମର ବିଶଦ ଭାବେ ବୁଝାଇଥିଲେ ମୁଖ୍ୟଅତିଥି। ଛାତ୍ରୀଛାତ୍ର ପାଠପଢା ସହିତ ନିଜ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ଆବଶ୍ୟକ ବୋଲି ସମିତିସଭ୍ୟ ତରେଇ ପ୍ରକାଶ କରିଥିଲେ। କଲେଜ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଥିଲା। କେତେକ ପ୍ରତିଯୋଗିତାରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଅଧ୍ୟାପକ ଓ କଲେଜ କର୍ମଚାରି ପରିଚାଳନା କରିଥିଲେ।

## ରବି ଚାଷକୁ ନେଇ ସାଧାରଣ ବୈଠକ

ବୁଗୁଡ଼ା ୩୦।୧୧(କାଳିଚରଣ ଦାଶ): ବୁଗୁଡ଼ା ଜଳସେଚନ କଲୋନୀସ୍ଥିତ କାର୍ଯ୍ୟାଳୟରେ ଜଳସେଚନ ବିଭାଗ ତରଫରୁ ରବି ଚାଷକୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବାଘୁଆ ଜଳସେଚନ ଉପବିଭାଜନର ଅଧ୍ୟକ୍ଷ ତଥା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ହୋଇଥିବା ସ୍ଥଳେ ବର୍ତ୍ତମାନ ୪୪୪.୫୪ ହେକ୍ଟର ମିଟର ଜଳ ଗଛିତ ଅଛି, ଯାହାକି ଶତକଡା ୧୪.୩୪ ବୋଲି ସହକାରୀ ଯନ୍ତ୍ରୀ କହିଥିଲେ। ଆଗାମୀ ଗ୍ରୀଷ୍ମ ଋତୁରେ ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ପାନୀୟଜଳ ଯୋଗାଣକୁ ଦୃଷ୍ଟି ଆଗରେ ରଖି ଚଳିତ ରବି ଚାଷ ନିମନ୍ତେ ଜଳଭଣ୍ଡାରରୁ ଜଳ ଯୋଗାଣ ସମ୍ଭବ ହୋଇପାରିବ ନାହିଁ ବୋଲି ସେ ଚାଷୀମାନଙ୍କୁ ଅବଗତ କରାଇ ଥିଲେ। ବୈଠକରେ ବ୍ଲକ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ, କେଶବ ଚନ୍ଦ୍ର ଖଟାଇ, ବୈଜୟନ୍ତୀ ସାହୁଙ୍କ ସମେତ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ କେଶବ ଚନ୍ଦ୍ର ଖଟାଇ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଦେଇଥିଲେ।

# ବିଜେଡିର ବିଜୟ ଶୋଭାଯାତ୍ରା


ବିଜୟୀ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ।

ଚିକିଟି,୩୦।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୩ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ ହରପ୍ରସାଦ ଚୌଧୁରୀ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଏନେଇ ଗୁରୁବାର ବିଜେଡି ପକ୍ଷରୁ ଚିକିଟିରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏନ୍ଏସି ଅଧ୍ୟକ୍ଷ ଦୀପା କୁମାରୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଶୋଭାଯାତ୍ରରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଚିକିଟି ଅଞ୍ଚଳବାସୀ ମଧ୍ୟ ନୂତନ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୬୫୪ ଭୋଟର ରହିଥିବା ବେଳେ ୫୦୧ ଭୋଟର ମତଦାନ କରିଥିଲେ। ସେଥିରୁ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ ହରପ୍ରସାଦ ଚୌଧୁରୀ ୪୮୪ ଭୋଟ ପାଇଥିବା ବେଳେ ଭାଜପା ୱାର୍ଡ ସଭ୍ୟ ପ୍ରାର୍ଥୀ ଅନନ୍ତରାମ ପାଣିଗ୍ରାହୀ ମୋଟ ୧୫ ଭୋଟ ପାଇଥିଲେ।

# ଆମ ପୋଲିସ ସମିତି ମାମଲାର ସମାଧାନ କରିବ

ଭଞ୍ଜନଗର, ୩୦।୧୧(ବାବୁଲା ପ୍ରଧାନ):


ଥାନା ଅଧିକାରୀ ଭଗବାନ ପୂଜାରୀ ଉଦବୋଧନ ଦେଉଛନ୍ତି।

ଭଞ୍ଜନଗର ଆମ ପୋଲିସ ସମିତି ବୈଠକ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଭେଜିପୁଟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଭଗବାନ ପୂଜାରୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାନୁଆରୀ ପହିଲାରୁ ବିନା ହେଲମେଟରେ ଗାଡି ଛୁଇଁବା ନାହିଁ ବୋଲି ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ । ଆଗାମୀ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ମଦୁଆ ଗାଡି ଚାଳକଙ୍କୁ ଚିହ୍ନଟ କରିବା ପାଇଁ ଯାଞ୍ଚ କଡାକଡି ହେବ। ଯେଉଁମାନେ ମଦ ପିଇ ଗାଡି ଚଳାଉଥିବେ ସେମାନଙ୍କୁ ୧୦,୫୦୦ ଟଙ୍କା ଜରିମାନା ପକାଯିବ। ଜାନୁଆରୀ ପହିଲାରୁ ସାମାଜିକ ମାମଲାଗୁଡିକୁ ଭଞ୍ଜନଗର ଆମ ପୋଲିସ ସମିତି ମାଧ୍ୟମରେ ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ମାମଲା କମିବା ସହ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବଢିବ। ଚଳିତ ବର୍ଷ ଆଜି ସୁଦ୍ଧା ୧୧ ମାସରେ ୧୧ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ତେଣୁ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ପାଇଁ ଦ୍ରୁତ ଗାଡି ଚାଳକ, ନାବାଳକ ଗାଡି ଚାଳକ, ମଦୁଆ ଚାଳକ ଏବଂ ବିନା ହେଲମେଟରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂଜାରୀ କହିଥିଲେ। ବୈଠକରେ ଇନିସପେକ୍ଟର ହରସି ଜେନା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କୃତିବାସ ବିଶାଳ, ବିଭୁତି ଜେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାଣ୍ଡବ ସେଠୀ, ବିଦ୍ୟାଳୟ ସଭାପତି ରଞ୍ଜିତ କୁମାର ରାଉତ, ସନ୍ତୋଷ ଜେନା, ଧ୍ରୁବ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁପମ ବାନାର୍ଜୀ ସଭା ସଂଯୋଜନା କରିଥିବା ବେଳେ ସୁଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ଗୁରୁତର

ପୁରୁଷୋତ୍ତମପୁର,୩୦।୧୧(ସୀମାଞ୍ଚଳ ମିଶ୍ର)–ପୁରୁଷୋତ୍ତମପୁର ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁବାର ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ ଜିଲା ଭାପୁର ବ୍ଲକ ପିଠାଖାଇ ଗ୍ରାମର ପ୍ରମୋଦ କୁମାର ଲେଙ୍କା ( ୫୨)। ପୁରୁଷୋତ୍ତମପୁରରେ ବୁଧବାର ମରାମତି କାର୍ଯ୍ୟ ଲାଗି ଟାଟା ପାୱାର ଦିନ ତମାମ ବିଦ୍ୟୁତ୍‌କାଟ କରିଥିଲା। କିନ୍ତୁ ମରାମତି କାର୍ଯ୍ୟ କରାଗଲା ପରେ ଏହାକୁ ଠିକ୍ ଭାବେ ତଦାରଖ କରାଯାଇ ନ ଥିଲା। ଫଳରେ ସ୍ଥାନୀୟ କଲେଜ ଛକ ରାସ୍ତାକଡରେ ଥିବା ବିଦ୍ୟୁତ୍ ପୋଲରେ କରେଣ୍ଟ ଚାର୍ଜ ହୋଇଯାଇଥିଲା। ତେଣୁ ସେଠାରେ ବସି ବ୍ୟବସାୟ କରୁଥିବା ପ୍ରମୋଦ ନଡିଆ ବାହାର କରିବା ବେଳେ ବିଦ୍ୟୁତ୍ ପୋଲରେ ଲାଗିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଏଠାରେ ତୀବ୍ର ଜନଅସନ୍ତୋଷ ଦେଖାଦେବା ସହ ଲୋକେ ଟାଟା ପାୱାରକୁ ଦାୟୀ କରିଛନ୍ତି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତି

ଦିଗପହଣ୍ଡି,୩୦।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ବିକାଶ କ୍ଷେତ୍ରରେ ଯୁବତୀମାନଙ୍କ ସକ୍ରିୟ ଅଂଶ ଗ୍ରହଣ ଉପରେ ଆଲୋକପାତ କରାଯିବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ୱାଗତିକା ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ ନୋଡାଲ ଅଫିସର ଉପେନ୍ଦ୍ର ପ୍ରଧାନ, ଅଧ୍ୟାପିକା ଡ.ସୁଜାତା ପାତ୍ର, ସସ୍ମିତା ପଟ୍ଟନାୟକ, ସୌଦାମିନୀ ବେହେରାଙ୍କ ସମେତ କାଳୀଚରଣ ପ୍ରଧାନ, ସଞ୍ଜୁ ଗୌଡ଼ ଉପସ୍ଥିତ ଥିଲେ।

# ବଡ଼ ଆଗୁଆ କୋଠିଶାଳ ଯାତ୍ରା ଉଦ୍ୟାପିତ

କବିସୂର୍ଯ୍ୟନଗର, ୩୦।୧୧ (କୃପାସିନ୍ଧୁ ସ୍ୱାଇଁ):

ଦକ୍ଷିଣ ଓଡିଶାର ଲୋକନୃତ୍ୟ, କୋଠିଶାଳ ବା ଓଷାକୋଠି ଯାତ୍ରା ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଉଦ୍ୟାପିତ ହୋଇଯାଇଛି। ପ୍ରକାଶଥାଉ କି, ପ୍ରତିବର୍ଷ ଆଶ୍ୱିନ ପୂର୍ଣ୍ଣମୀ ତଥା କୁମାର ପୂର୍ଣିମା ତିଥିରେ ବଡଆଗୁଳ ଗ୍ରାମ ଦେବତୀ, ମା' ବୁଢି ଠାକୁରାଣୀ ଓ ମା' ବ୍ରାହ୍ମଣୀ ଦେବୀ ଉଭୟଙ୍କୁ ବରଣ କରି ଗ୍ରାମର ମଝିଦାଣ୍ଡ କୋଠିଶାଳ କାନ୍ଥରେ ଦେବାଦେବୀଙ୍କ ଚିତ୍ର ଆଙ୍କି ମା'ମାନଙ୍କୁ କୁମ୍ଭ ଆକାରରେ ସ୍ଥାପନ କରାଯାଏ। ଏକ ମାସ ବ୍ୟାପୀ ପ୍ରତିଦିନ ବିଧିବିଧାନରେ ଘଣ୍ଟ ଘଣ୍ଟା ଢଣକୋଇଲା ଶଙ୍ଖ ଧ୍ୱନୀ, ହରିବୋଲ ହୁଳହୁଳି ସହ ପୂଜାର୍ଚ୍ଚନା କରାଯାଇଥାଏ। ଶେଷରେ କାର୍ତ୍ତିକ ପୂର୍ଣିମା ତିଥିରେ ସମସ୍ତ ଗ୍ରାମବାସୀ ବିଭିନ୍ନ ପ୍ରକାର ବେଶ, ପଟୁଆରରେ ମା'ମାନଙ୍କର ସ୍ଥାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଏ। ମୁଖ୍ୟ କାଳିଶି ଭାବେ ଯୋଗୀ ଗୌଡ, ବିପିନ ଗୌଡ, ଲକ୍ଷ୍ମଣ ଗୌଡ, ସନ୍ତୋଷ ଗୌଡ, ଗୋଲା ଗୌଡ, ଶିବ ଗୌଡ, ଗଉଡ ପାଢି, ବାସୁ ପରିଡା, ସୁବାସ କରଣ, ଅନାଦି ଗୌଡ, ଗାଣ୍ଡୁ ନାହାକ ପ୍ରମୁଖ ମା'ଙ୍କ ଘଟ କଳସୀ ଧରି ସେବାରେ ଲାଗିଥାଆନ୍ତି। କୋଠିଶାଳର ଅଧିକାରୀ ଭାବେ ବନବାସୀ କରଣ ନାରୁସୁ ଗୌଡ, ପ୍ରକାଶ ପରିଡା, ପ୍ରକାଶ ଜେନା, ସୁବଳ ନାହାକ ପ୍ରମୁଖଙ୍କ ସହଯୋଗରେ ସମାପନ ହୋଇଯାଇଛି। ଶେଷ ଦିନରେ ଏକ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା। ଏହାକୁ ଗଜପତି ବିଶ୍ୱାଳ, ବାବୁ ପାଢି, ବିନୟ ପଟନାୟକ (ଟୁନା), ସୁଶାନ୍ତ କୁମାର ପ୍ରଧାନ, ବାବୁ ଗୌଡ, ମୁନା ନାହାକ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରମ୍ଭା,୨୯।୧୧(ବନବାସୀ ସେଠୀ): ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ନୋଡାଲ ଅଫିସର ଇଂଲିଶ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସଭା ସଂଯୋଜନା କରିଥିଲେ। ଏଥିରେ ଡଃ ରଞ୍ଜନ କୁମାର ଦାସ(ଅଧ୍ୟକ୍ଷ), କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳୟ, ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମରତ କର୍ମଚାରୀ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟରେ ପ୍ରତିଯୋଗିତା ଓ ଅଂଶଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଛି।

# ଜିଲାପାଳଙ୍କୁ ଭେଟିଲେ ପାବେରି ଗ୍ରାମବାସୀ



ଖଜୁରିପଡ଼ା,୩୦।୧୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପାବେରି ଗ୍ରାମବାସୀ ମଙ୍ଗଳବାର ଖଜୁରିପଡ଼ା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପାବେରି ଗ୍ରାମର ହରିଜନ ସାହିରେ ତ୍ରିନାଥ ମନ୍ଦିର ନିର୍ମାଣ କରିବା ପାଇଁ ୫–ଟି ସଚିବଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିଲା। କିନ୍ତୁ ସେହି ପ୍ରକଳ୍ପକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଖଜୁରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗୁଡୁଙ୍ଗୁଙ୍କୁ ପଚାରିବାରୁ ମୁଁ ସେ ବିଷୟରେ ଜାଣିନାହିଁ, ଆମେ ତହସିଲଦାରଙ୍କୁ ଜାଗା ଚିହ୍ନଟ ପାଇଁ କହିଥିଲୁ। ତହସିଲଦାର ଜାଗା ଚିହ୍ନଟ କରି ନ ପାରିବାରୁ ସେହି ଅନୁଦାନକୁ ଅନ୍ୟତ୍ର ବଦଳେଇ ଦେଇଥିବା ଜଣାପଡ଼ିଛି। ଏ ନେଇ ଖଜୁରିପଡ଼ା ତହସିଲଦାର ଭିକାରୀ ଚରଣ ସାହୁଙ୍କୁ ପଚାରିବାରୁ ସେହି ସ୍ଥାନଟି ସର୍ବସାଧାରଣ ହୋଇଥିବାରୁ ସର୍ବସାଧାରଣ ଜାଗାରେ କୌଣସି ଧାର୍ମିକ ଅନୁଷ୍ଠାନ ନିର୍ମାଣ ହୋଇପାରିବ ନାହିଁ। ତେଣୁ ସେଠାରେ ଜମି ଚିହ୍ନଟ ହୋଇପାରିଲା ନାହିଁ ବୋଲି କହିଛନ୍ତି।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆରମ୍ଭ

ଫୁଲବାଣୀ,୩୦।୧୧(ରାକେଶ କୁମାର ରାଉତ)



ଜଣେ ଗୋପାଳକଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କନ୍ଧମାଳ ଜିଲା କରୋନେସନ୍ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ମେଳାରୁ ମାଛ ଚାଷ ଏବଂ ପ୍ରାଣୀ ପାଳନ ପାଇଁ ସରକାରଙ୍କର କ'ଣ ସ୍କିମ୍ ରହିଛି, ସବ୍‌ସିଡି କେତେ ରହିଛି, ଚାଷ ପ୍ରଣାଳୀ, ଲାଭ ପରିମାଣ ବିଷୟରେ ଜାଣିବାକୁ ମିଳିବ । ସେହିପରି ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବା ସହିତ ତା'ର ପ୍ରୟୋଗ, ବିଭିନ୍ନ ବିଭାଗର ଥିବା ସ୍କିମରୁ ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ। ଜଣେ ଚାଷୀ ମତ୍ସ୍ୟ ପୋଖରୀ ଯୋଜନାରେ ଜଳ ଛାୟା ବିଭାଗ ତରଫରୁ ପୋଖରୀ ପାଇପାରିବେ। ମତ୍ସ୍ୟ ବିଭାଗ ମାଛ ଚାଷ ପାଇଁ ସହାୟତା ଯୋଗାଇଦେବ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ପ୍ରାଣୀ ଚିକିତ୍ସକଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ଡଃ. ଜ୍ଞାନରଞ୍ଜନ ମିଶ୍ର ଯୋଗଦେଇ ସମନ୍ୱିତ ଚାଷ ଓ ଚାଷୀମାନେ କିପରି କମ୍ ମୂଳଧନରେ ଅଧିକ ଲାଭବାନ ହୋଇ ପାରୁଛନ୍ତି ସେ ବିଷୟରେ ବୁଝାଇଥିଲେ। ଦିନକୁ ଦିନ ଚାଷ ଜମି କମିବାରେ ଲାଗୁଛି। ଜଳସ୍ତର କମୁଛି। କିନ୍ତୁ ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ପଡ଼ିବ। ସେଥିପାଇଁ ବୈଜ୍ଞାନିକ ପଦ୍ଧତି ନିହାତି ଆବଶ୍ୟକ। ସରକାର ଯେଉଁ ସବୁ ସୁବିଧା ଯୋଗାଉଛନ୍ତି, ଜଣେ ଚାହିଁଲେ କମ୍ କିମ୍ବା ବିନା ମୂଳଧନରେ ଉଦ୍ୟୋଗୀ ହୋଇପାରିବ। ଉତ୍ପାଦ, ମାର୍କେଟ୍, ବ୍ରାଣ୍ଡିଂ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବୈଷୟିକ ପରାମର୍ଶଦାତା ଡଃ.ଦିଗମ୍ବର ନାୟକ ଯୋଗଦେଇ ଜିଲାରେ ଗୋପାଳନ ସହିତ ଦୁଗ୍ଧ ସମିତି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ସିବ କୁମାର ପଟେଲ ସ୍ୱାଗତ ଅଭିଭାଷଣ, ଡଃ.ଅଳକା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କୁଲାଗଡ଼ରେ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଶିବିର

ଶେରଗଡ,୩୦।୧୧(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ କୁଲାଗଡ ଗ୍ରାମରେ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଶିବିର ଅନୁଷ୍ଠିତ ହୋଇଥିଲା। ଶେରଗଡ ଥାନା ଅଧିକାରୀ ବିରେନ୍ଦ୍ର ସିଆଳ ଅଧ୍ୟକ୍ଷତା କରିଥିଲେ। ଏଏସଆଇ କୃଷ୍ଣଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଗ୍ରାମରେ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଗୁଣି ଗାରେଡିକୁ ଭରସା ନ କରି ଚିକିତ୍ସା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସରପଞ୍ଚଙ୍କ ପ୍ରତିନିଧି ବୃନ୍ଦାବନ ଗୌଡ, ମେଘନାଦ ଦାସ, ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଗୁମ୍ମା,୩୦।୧୧(ପ୍ରବୀଣ କୁମାର ଲିମା) ଗଜପତି ଜିଲା ଗୁମ୍ମା ବ୍ଲକ କୃଷ୍ଣ ଚନ୍ଦ୍ରପୁର ଗ୍ରାମର ସରକାରୀ ବାଳିକା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ-୨୦୨୩ ଦ୍ୱାରା ସୁକେଇ ଗ୍ରାମରେ ଏକ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରି ଯୋଜନା ଗୁଡିକ ବିଷୟରେ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ ଯୁକ୍ତ ୨ ବିଜ୍ଞାନ ଛାତ୍ରୀମାନେ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଉଖୁରା ପଞ୍ଚାୟତର ସରପଞ୍ଚ ଜିସି ଗମାଙ୍ଗ ଏବଂ ସମ୍ମାନିତ ଅତିଥି ରୂପେ ସୁକେଇ ଗ୍ରାମର ସମିତିସଭ୍ୟା ଏସନି ରଇତ, ୱାର୍ଡ ମେମ୍ବର ମେଗଦେଲ ଗମାଙ୍ଗ ଏବଂ ଗୁମ୍ମା ପୋଲିସ ଅଧିକାରୀ ପି.ଜଗାରଙ୍ଗା ଉପସ୍ଥିତ ଥିଲେ। ତତ ସହିତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ପ୍ଲାଷ୍ଟିକର ବହୁଳ ବ୍ୟବହାରକୁ ବର୍ଜନ କରିବା ବିଷୟରେ ମଧ ସଚେତନତା ଭିତିକ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସାଗ୍ନିକା ସାମନ୍ତ ଅଧକ୍ଷତା କରିଥିଲେ। ନୋଡାଲ ଅଧିକାରୀ ପ୍ରବୀଣ କୁମାର ସାହୁ, ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, ବନ୍ଧୁ ତେଜାରାଓ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଇଆରଇ ପକ୍ଷରୁ ଜନ ସଚେତନତା ଆଲୋଚନାଚକ୍ର

ବ୍ରହ୍ମପୁର,୩୦।୧୧(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ସମିଳନୀ କକ୍ଷରେ ବୁଧବାର ଭାରତୀୟ ବିରଳ ମୃତ୍ତିକା (ଆଇଆରଇ) ପକ୍ଷରୁ ଏକ ଜନ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବିରଳ ମୃତ୍ତିକା ବିଭାଗ ପକ୍ଷରୁ ସମୁଦ୍ରରେ ଗଚ୍ଛିତ ଥିବା ଖଣିଜ ବାଲୁକାକୁ କିଭଳି ଖନନ କରାଯାଉଛି। ସେଥିରୁ ଉତ୍ପାଦିତ ବିଭିନ୍ନ ଖଣିଜ ଦ୍ରବ୍ୟର ଉପଯୋଗ ଓ ବ୍ୟବହାର ସମ୍ପର୍କରେ ଆଇଟିଆଇ ଶିକ୍ଷୟତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିରଳ ମୃତିକାର ମହାପ୍ରବନ୍ଧକ ଗତିକୃଷ୍ଣ ନାୟକ, ନରେନ୍ଦ୍ର କୁମାର ନାୟକ, ଉପ ପ୍ରବନ୍ଧକ (ସମ୍ବଳ ଓ ସାମାଜିକ ଦାୟିତ୍ୱ) ପୁନିତ ମହାନ୍ତି, ଉପେନ୍ଦ୍ର କୁମାର, ନରେଶ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଥିଲେ।

# ସ୍ୱାସ୍ଥ୍ୟକ୍ଷେତ୍ରରେ ସୁଦୃଢ଼ ହେବ ଗଞ୍ଜାମ

## ୮୬୩ ଲକ୍ଷ ବ୍ୟୟରେ ୨୨ ପ୍ରକଳ୍ପର ଶୁଭାରମ୍ଭ

ଛତ୍ରପୁର,୩୦।୧୧(ଦିଲୀପ ସାମଲ ) : ରାଜ୍ୟ ସରକାର ବିଗତ କିଛି ବର୍ଷ ହେଲା ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ବିହିତ ପଦକ୍ଷେପ ଗ୍ରହଣ କରିବା ସହ ସ୍ୱାସ୍ଥ୍ୟସେବାରେ ବହୁ ଉନ୍ନତି ହୋଇଛି। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତୀକରଣ ନିମନ୍ତେ ୧ ହଜାର କୋଟି ଟଙ୍କା ବ୍ୟୟରେ ୩୭୨ ଗୋଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୧୪୦ କୋଟି ଟଙ୍କା ବ୍ୟୟରେ ୧୦୩ଟି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ଏଥିସହ ରାଜ୍ୟ ବାହାରେ ରହୁଥିବା ପରିବାରଙ୍କ ପାଇଁ ବିଏସକେୱାଇ ଟୋଲ ଫ୍ରି ନମ୍ବରର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗଞ୍ଜାମ ଜିଲାରେ ମଧ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ପାଇଁ ୮୬୩ ଲକ୍ଷ ଟଙ୍କା ବ୍ୟୟରେ ୨୨ଟି ପ୍ରକଳ୍ପର ଶୁଭାରମ୍ଭ ସହ ୧୫୧୮.୬୫ ଲକ୍ଷ ବ୍ୟୟରେ ୩୩ ଗୋଟିପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ବାହାରେ ରହୁଥିବା ପରିବାରମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ସମସ୍ୟା ହେଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୫୫ଟି ମେଡିକାଲ ସହ ସେମାନେ ସ୍ୱାସ୍ଥ୍ୟସେବା ପାଇପାରିବେ। ସେମାନଙ୍କ ପାଇଁ ୨୪ ଘଣ୍ଟିଆ ଟୋଲ ଫ୍ରି ନମ୍ବର ସେବା ଯୋଗାଇ ଦିଆଯାଉଛି, ଫଳରେ କୌଣସି ଲୋକ ସ୍ୱାସ୍ଥ୍ୟ ସେବାରେ ଅସୁବିଧା ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବନୀନ ପଟ୍ଟନାୟକ କହିଥିଲେ। ସେହିପରି ରାଜ୍ୟରେ ୬୧୯ଟି ଘରୋଇ ଚିକିତ୍ସାଳୟ ସହ ପଞ୍ଜିକରଣ ହୋଇଛି । ଏବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି। ବିଗତ ବର୍ଷ ତୁଳନାରେ ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର କ୍ରମଶଃ ହ୍ରାସ ହୋଇଚାଲିଛି। ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦ ସିଡିଓ ଭି.କିର୍ତ୍ତୀଭାସନ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା,ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଉମାଶଙ୍କର ମିଶ୍ର, ଡିପିଓ ଶ୍ୟାମସୁନ୍ଦର ତ୍ରିପାଠୀ, ଆଶାକର୍ମୀ, ସ୍ୱାସ୍ଥ୍ୟମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ୧୩ ବର୍ଷ ପରେ ରାୟ ପ୍ରକାଶ
# ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

ହିଞ୍ଜିଳିକାଟୁ, ୩୦।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ଦୀର୍ଘ ୧୩ ବର୍ଷର ଆଇନଗତ ଲଢ଼େଇ ପରେ ବଳାତ୍କାରୀଙ୍କୁ ଦଣ୍ଡ ପ୍ରଦାନ ହୋଇଛି। ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଞ୍ଚଳର ଜଣେ ବଳାତ୍କାରୀଙ୍କୁ ହିଞ୍ଜିଳିକାଟୁ ସବଜଜ୍ ଅବକାଶ ଚୌଧୁରୀ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି। ପ୍ରକାଶ ଯେ, ୨୦୧୦ ସେପ୍ଟେମ୍ବର ୧୩ରେ ହିଞ୍ଜିଳି ଥାନା ସୋମପୁର ଗ୍ରାମର ଜଣେ ମହିଳାଙ୍କୁ ସେହି ଗ୍ରାମର ରାଜୁ ଗୌଡ଼ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ରାମପ୍ରସାଦ ସାହୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲାରେ ୩୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସବଜଜ୍ ଚୌଧୁରୀ ଗୁରୁବାର ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଓକିଲ ପ୍ରମୋଦ କୁମାର ଦଳାଇ ମାମଲା ପରିଚାଳନା କରିଥିଲେ।

# ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି, ୩୦।୧୧ (ଗିରିଧାରୀ ପରିଛା) ଗଜପତି ଜିଲା ଗାରାବନ୍ଧ ଥାନା ରାୟଗଡ଼ ବ୍ଲକ କଇଁପୁରୁ ପଞ୍ଚାୟତ ଅନ୍ତର୍ଗତ ଅମ୍ବରସିଂ ଗ୍ରାମରେ ଘଟିଛି ହତ୍ୟାକାଣ୍ଡ। ନିଜର ଦ୍ୱିତୀୟ ସ୍ତ୍ରୀଙ୍କୁ ନିଶାସକ୍ତ ହୋଇ ସ୍ୱାମୀ ପେଟକୁ ଲାତ ମାରି ଗୁରୁତର କରିଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପାରଳାଖେମୁଣ୍ଡି ମୁଖ୍ୟ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ଦୁଶୀଳା ଶବର। ଏ ନେଇ ଗାରାବନ୍ଧ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଗୁରୁନାଥ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଶୀଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ପୋଲିସ ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି।

# ନିର୍ବାହୀ ଅଧିକାରୀ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ

## ଅଧକ୍ଷ ଡାକିଲେ ବୈଠକ

ଗୋପାଳପୁର,୩୦।୧୧(ନବୀନ ରାଜ ଆଚାରୀ): ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଏ ଜାନକୀ ରାମଙ୍କ ଅଧକ୍ଷତାରେ ବିଜ୍ଞାପିତ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ନିଜ କାର୍ଯ୍ୟ ଠିକ ଭାବେ ପାଳନ କରୁ ନଥିବା ବୈଠକରେ ଅଭିଯୋଗ ହୋଇଥିଲା। କାଉନସିଲ ବୈଠକରେ ନିଆଯାଉଥିବା କାର୍ଯ୍ୟକୁ ଠିକ ଭାବେ କାର୍ଯ୍ୟ କରିବାରେ ବିଫଳ ରହୁଥିବା ଯୋଗୁଁ ବହୁ ଉନ୍ନତିମୂଳକ କାମ ଠିକ ସମୟରେ ଶେଷ ହୋଇପାରୁ ନାହିଁ। ବିନା ଟେଣ୍ଡର ପ୍ରକ୍ରିୟାରେ ମନଇଚ୍ଛା ଉନ୍ନୟନ କାର୍ଯ୍ୟକୁ ନିଜ ଲୋକଙ୍କୁ ବେଆଇନ ଭାବେ ଦେବା ସହ ପରେ କାଉନସିଲ ବୈଠକରେ ଉପସ୍ଥାପିତ କରାଇ ସ୍ୱୀକୃତି କରାଇ ଦେଉଥିବା କାଉନସିଲର ଅଭିଯୋଗ କରିଥିଲେ। ଗତ ଅକ୍ଟୋବର ମାସରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାମକୁ ଏଲ୍ଇଡି ମାଧ୍ୟମରେ ଅବଗତ କରାଇବା ପାଇଁ ଟେଣ୍ଡର ଆହ୍ୱାନ କରିବାକୁ ନିର୍ଦ୍ଧାରଣ କରାଯାଇଥିବା ବେଳେ ବର୍ତ୍ତମାନ ଯାଏଁ ଏହାର ଟେଣ୍ଡର ନ କରାଯାଇ ନିଜ ଲୋକଙ୍କୁ ବେଆଇନ ଭାବେ ଏଲଇଡି ସ୍ଥାପନ ନିମନ୍ତେ କହିବା ସହ ବସଷ୍ଟାଣ୍ଡ ଓ ବେଳାଭୂମିରେ ଦୁଇଟି ଏଲଇଡି ସ୍ଥାପନ କରାଯାଇଛି, ଯାହା ବେଆଇନ ଅଟେ ବୋଲି କାଉନସିଲରମାନେ ଅଭିଯୋଗ କରିଛନ୍ତି। ମୁଁ ଗୋପାଳପୁରରେ ରହିଥିବା ବେଳେ ବେଆଇନ ଭାବେ ନିର୍ବାହୀ ଅଧିକାରୀ ମଲ୍ଲିକ ଉପାଧକ୍ଷାଙ୍କୁ ବିଭିନ୍ନ ଫାଇଲରେ ଦସ୍ତଖତ କରିବାକୁ ଏକ ଚିଠି କରିଛନ୍ତି, ଯାହା ସମ୍ପୂର୍ଣ୍ଣ ମ୍ୟୁନିସିପାଲଟି ଆଇନର ବିରୋଧ ବୋଲି ଜାନକୀ ରାମ ପ୍ରକାଶ କରିଛନ୍ତି। ନିର୍ବାହୀ ଅଧିକାରୀ ମଲ୍ଲିକଙ୍କୁ ତୁରନ୍ତ ଏଠାରୁ ହଟାଇବା ସହ ନୂତନ ନିର୍ବାହୀ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବାକୁ ଗଞ୍ଜାମ ଜିଲାପାଳ ସମେତ ନଗର ଉନ୍ନୟନ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ପଠାଇଥିବା ଜଣାପଡିଛି। ଘଟଣା ନେଇ ନିର୍ବାହୀ ଅଧିକାରୀ ମଲ୍ଲିକଙ୍କୁ ପଚାରିବାରୁ ମୁଁ ବାହାର ରାଜ୍ୟରେ ଅଛି। ମୋର ବିନା ଅନୁପସ୍ଥିତିରେ ବୈଠକ କରାଯାଇଛି। ବୈଠକ ବିଷୟରେ କିଛି ଜାଣି ନାହିଁ ବୋଲି ମତ ଦେଇଥିଲେ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର ଉଦ୍‌ଯାପିତ

ବ୍ରହ୍ମପୁର,୩୦।୧୧(ତନୁଶ୍ରୀ ନାହାକ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଲୋକ ପ୍ରଶାସନ ବିଭାଗର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ପାଠଚକ୍ର ଉଦଯାପିତ ହୋଇଯାଇଛି। ଭାରତୀୟ ରାଜନୀତି ବିଜ୍ଞାନ ପରିଷଦ ସହିତ ଭାରତୀୟ ଆଦିବାସୀ ସମୂହ: ଅଧିକାର, ପରିଚୟ ଓ ସମସ୍ୟା ଶୀର୍ଷକ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ର. ଜୟନ୍ତ ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ଭାବେ ପ୍ର. ସଂଜୀବ କୁମାର ଶର୍ମା, ପି.ଜି. କାଉନସିଲ ଭାରପ୍ରାପ୍ତ ଅଧିକାରୀ ପ୍ର. ସୁକାନ୍ତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଟି. ଆଇ. ଏସ୍ଏସ୍‌ର ପ୍ର. ଜଗନ୍ନାଥ ଆମ୍ବାଗୁଡ଼ିଆ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଗବେଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପାଠଚକ୍ରରେ ପ୍ର. ବିଷ୍ଣୁ ଚରଣ ଚୌଧୁରୀ, ପ୍ର. ଅମିୟ ପରିଛା, ଡଃ. ସୀମା ମଲିକ, ଡଃ. ସଦାନନ୍ଦ ନାୟକ, ଡଃ. ମାନସୀ ମହାନ୍ତି, ଡଃ. ବାପୁଜୀ ମେଣ୍ଡେମ, ଡଃ. ଟାଟା ରାମକୃଷ୍ଣ, ଡଃ. ପବିତ୍ର କୁମାର ବାଗ, ଡଃ. ସାମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନର ଅଧାପକ ଡଃ. ଶାରଦା ପ୍ରସନ୍ନ ରାଉତ, ଡଃ. କୀର୍ତ୍ତିମୟୀ ରାଉତରାୟ, ଡଃ. ସୌମେନ୍ଦ୍ର ମହାନ୍ତି, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପାଠଚକ୍ର ସଂଯୋଜନାରେ ସାହାଯ୍ୟ କରିଥିଲେ।

# ବିଡିପୁରରେ ଆମ ପୋଲିସ ସମିତି ବୈଠକ



ଜଗନ୍ନାଥପ୍ରସାଦ, ୩୦।୧୧ (ବିଭୂପ୍ରସାଦ ପଟ୍ଟନାୟକ): ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ପୋଲିସ ପକ୍ଷରୁ ବିଡିପୁର ଆମ ପୋଲିସ ସମିତି ବୈଠକ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ଥାନା ଅଧିକାରୀ ଅରୁଣ କୁମାର ସିଂଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମହୋଦୟା ରଶ୍ମିତା ସାହୁ , ସମିତି ସଭ୍ୟା ଗୀତାରାଣୀ ବାରିକ, କନ୍ଧମାଳ ଏମପି ପ୍ରତିନିଧି ବିପ୍ର ଚରଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ସମସ୍ୟା, ପୋଲିସ ଓ ଜନସମ୍ପର୍କ, ବାଲ୍ୟ ବିବାହ ରୋକିବା ଓ ଗୁଣି ସନ୍ଦେହ, ସାମାଜିକ ବାସନ୍ଦ ସମ୍ପର୍କ, ଜନସାଧାରଣଙ୍କ ପୋଲିସ ପ୍ରତି ଥିବା ଭୟ ଦୂର କରିବା, ସାଇବର ଠକ ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା । କନେଷ୍ଟବଳ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସମେତ ପୋଲିସ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିଦ୍ୟା ଜ୍ୟୋତି ସମ୍ମାନ ସମାରୋହ

ଗଞ୍ଜାମ,୩୦।୧୧(ବିଦ୍ୟାଧର ସାହୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟା ଜ୍ୟୋତି ସମ୍ମାନ-୨୦୨୩ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ଉପକୁଳପତି ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଭରସାର ସଭାପତି ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଜିଲା ପର୍ଯ୍ୟଟନ ଅଧିକାରୀ ତଥା ବିଏମ୍‌ସିର ଡେପୁଟି କମିଶନର ବିନୋଦ କୁମାର ବେହେରା, ମୁଖ୍ୟବକ୍ତା ଅନୀଲ କୁମାର ବିଷୋୟୀ (ଓଏଏସ), ସମ୍ମାନନୀୟ ଅତିଥି ରୂପେ ରାଜ୍ୟ ଗ୍ରୀଡକୋ ସିଏସ୍‌ଆର ମୁଖ୍ୟ ବିପିନ କୁମାର ମହାପାତ୍ର, ଗଞ୍ଜାମ କଲେଜ ଅଧାପକ ଗିରିଶ କୁମାର ଆଚାର୍ଯ୍ୟ, ଗଞ୍ଜାମ ଥାନାଧିକାରୀ ସୁମିତ୍ରା ପାତ୍ର, ଶିକ୍ଷାବିତ୍ ଦୁର୍ଗାପ୍ରସାଦ ପଟ୍ଟନାୟକ, ଗ୍ରାସିମ କମ୍ପାନୀର ଶ୍ରମିକ ସଂଘ ସମ୍ପାଦକ ସନ୍ତୋଷ ରେଡ୍ଡୀ ଯୋଗଦେଇଥିଲେ। ମାଟ୍ରିକ ଟପ୍ପର ଗାୟତ୍ରୀ ମହାପାତ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ ବିଭାଗରେ ସ୍ୱର୍ଣ୍ଣପଦକ ପାଇଥିବା ଅଖିଳ ତରେଇ, ଗଞ୍ଜାମ ବ୍ଲକ, ଏନଏସି ଓ ରମ୍ଭା ଏନଏସି ଅନ୍ତର୍ଗତ ୨୪ ଉଚ୍ଚ ବିଦ୍ୟାଳୟର ମାଟ୍ରିକ, ୭ କଲେଜ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଟପ୍ପର ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଟପ୍ପର, ୨ ଆଇ.ଟି.ଆଇ ଟପ୍ପରଙ୍କ ସମେତ ଗଞ୍ଜାମ ବ୍ଲକରେ ଓଏଏସ୍ ପାଇଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକରେ ଲଗାତର ଭାବେ ଷଷ୍ଠ ଥର ପାଇଁ ଟପ୍ପର ହୋଇଥିବା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଆଦିତ୍ୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇ ସ୍କୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା।



ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯୁବ ଓଡ଼ିଶା, ନବୀନ ଓଡ଼ିଶାରେ ସାମାଜିକ ସଚେତନତା ଅଭିଯାନ

ଛତ୍ରପୁର,୩୦।୧୧(ଦିଲ୍ଲୀପ ସାମଲ): ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ଓ ନବୀନ ଓଡିଶାରେ ସାମାଜିକ ସଚେତନତା ଅଭିଯାନ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ନେଇ ଏକ ସଚେତନତା ରାଲିକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଉଦଘାଟନ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସସ୍ମିତା ସାମନ୍ତରାୟଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ସାମିଲ ହୋଇ ସହର ପରିକ୍ରମା କରି 'ପ୍ଲାଷ୍ଟିକ ହଟାଓ ଦେଶ ବଞ୍ଚାଅ' ଭଳି ବିଭିନ୍ନ ସ୍ଲୋଗାନ ଦେଇ ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

### ଉଦୟ ପ୍ରତାପ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

ଶେରଗଡ, ୩୦।୧୧ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡସ୍ଥିତ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ସ୍ୱାଇଁ, ବିନୋଦ ଚନ୍ଦ୍ର କର, ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରତି ଛାତ୍ରୀଛାତ୍ର ନିଜର ଅନ୍ତର୍ନିହିତ ଗୁଣର ବିକାଶ କରିବା ସହ ନିଜର ଲୁକ୍କାୟିତ ପ୍ରତିଭା ଦେଖାଇବାର ସମୟ ଆସିଛି ବୋଲି କହିଥିଲେ।

# ଆସିକା ଡାକମଣ୍ଡଳରେ ମହାଡାକମେଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୩୦।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱର କଲ୍ୟାଣ ମଣ୍ଡପଠାରେ ଆସିକା ଡାକ ମଣ୍ଡଳ ପକ୍ଷରୁ ମହାଡାକମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆସିକା ଓ ଭଞ୍ଜନଗର ସ୍ଥିତ ଦୁଇଟି ପ୍ରଧାନ ଡାକଘର, ୪୫ଟି ଉପଡାକଘର ଓ ୨୮୬ଟି ଡାକଘରରେ କର୍ତ୍ତବ୍ୟରତ ବିଭାଗୀୟ କର୍ମଚାରୀ ଓ ଗ୍ରାମୀଣ ଡାକସେବକ ଯୋଗଦେଇଥିଲେ। ଡାକମେଳାକୁ ମଣ୍ଡଳ ଅଧିକ୍ଷିତା କିରଣବାଳା ପଣ୍ଡା ଉଦ୍‌ଘାଟନ କରିଥିଲେ । ବ୍ରହ୍ମପୁର ଡାକ ପରିମଣ୍ଡଳର ସହାୟକ ନିର୍ଦ୍ଦେଶକ ସୁଜିତ ମହାରଣା, ବରିଷ୍ଠ ହିସାବ ଅଧିକାରୀ ରାଧାକୃଷ୍ଣ ସାବତ, ପୂର୍ବତନ ଡାକ ଅଧିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଉଲ୍ଲେଖନୀୟ ସେବା ଲାଗି ୫୦ଜଣ ଡାକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ବସନ୍ତ କୁମାର ପାଠୀ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଦୀପକ ପାଣିଗ୍ରାହୀ ଓ ଶ୍ରାବଣୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଏମ୍‌ସିରେ ଦିଶା ନିର୍ଦ୍ଦେଶ କର୍ମଶାଳା

ବ୍ରହ୍ମପୁର,୩୦।୧୧(ଅଶୋକ କୁମାର ସାହୁ): ଘରର ଗାଧୁଆ ପାଣି, ରୋଷେଇ ପାଣି ଏବଂ ଶୌଚାଳୟ ପାଣିକୁ କିଭଳି ପରିଚାଳନା କରାଯିବ ସେ ନେଇ ବ୍ରହ୍ମପୁର ମହାନିଗମର ନିଗମ (ବିଏମସି) ପକ୍ଷରୁ ଏକ ଦିଶା ନିର୍ଦ୍ଦେଶ ଓ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିଗମ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ଜେ.ସୋନାଲ, ଅତିରିକ୍ତ କମିଶନର ରମେଶ ହାଁସଦା, ପରିମଳ ଦାୟିତ୍ୱରେ ଥିବା ଡେପୁଟି ମେୟର ଆଶୀର୍ବାଦ ପରିଡା ଯୋଗଦେଇଥିଲେ। ଅସ୍ୱଚ୍ଛ ଜଳକୁ କିଭଳି ରିସାଇକେଲିଂ କରି ବ୍ୟବହାର ଉପଯୋଗୀ କରାଯିବ, ଶୌଚାଳୟ ଟାଙ୍କିର ଉଦବୃତ୍ତ ଜଳ କେଉଁଠିକି ଯାଉଛି, ଶୌଚାଳୟ ଟାଙ୍କି ଠିକ ସମୟରେ ଖାଲି ହେଉଛି କି ନାହିଁ ତାହାର ଅନୁସନ୍ଧାନ କରାଯିବ। ସ୍ଥାନୀୟ କର୍ପୋରେଟର, ସ୍ୱଚ୍ଛ ସାଥୀ ଓ ମିଶନ ଶକ୍ତିର ସଦସ୍ୟମାନଙ୍କୁ ଏଥିରେ ସାମିଲ କରାଯିବ। ବର୍ତ୍ତମାନ ଉପରୋକ୍ତ ଅସ୍ୱଚ୍ଛ ଜଳ ଯାହା ବାହରୁଛି ୨୦୨୬ ବେଳକୁ ତାହା ବଢ଼ିଯାଇ ଦିନକୁ ସହରରୁ ୩୮.୮୫ ମିଲିୟନ ଲିଟର ଅସ୍ୱଚ୍ଛ ଜଳ ବାହାରିବ ବୋଲି ଅନୁମାନ କରାଯାଉଛି। ତେଣୁ ଏନେଇ ଆଗୁଆ ପଦକ୍ଷେପ ନେବା ହିଁ ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ଭୁବନେଶ୍ୱର ଓଡ଼ିଶା ୱାଟର ସପ୍ଲାଇ ଆଣ୍ଡ ସ୍ୱେରେଜ ବୋର୍ଡରୁ ଆସିଥିବା ପ୍ରୋଜେକ୍ଟ ଇଞ୍ଜିନିୟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଥିଲେ। ହାଉସ ହୋଲ୍ଡ, ଲାଇନ ଲେଭଲ, କମୁନିଟି ଲେଭଲରେ ଅସ୍ୱଚ୍ଛ ଜଳ କେତେ ବାହାରୁଛି ତାହା ଉପରେ ଏକ ସର୍ଭେ କରାଯିବ। ସ୍ଥାନୀୟ କର୍ପୋରେଟରଙ୍କ ସହାୟତାରେ ସ୍ୱଚ୍ଛ ସୁପରଭାଇଜରମାନେ ଏହାର ତଦାରଖ କରିବେ। ଏଥିପାଇଁ ଷ୍ଟେବିଲାଇଜେସନ ପଣ୍ଡ, ମାଚୁରେସନ ପଣ୍ଡ ନିର୍ମାଣ କରାଯିବ। ଯଦି ଏଥିରେ ଅଧିକ ଆବର୍ଜନା ରହିବ ତାହାକୁ ବାହାର କରି ମହୁଡା ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପଠାଯିବ। ମୁକ୍ତା ଯୋଜନାରେ ଏହି କାର୍ଯ୍ୟ କରାଯିବାକୁ ଯୋଜନା ଥିବାବେଳେ ଏସଏଚଜିମାନଙ୍କୁ ଏହି ଦାୟିତ୍ୱ ଦିଆଯିବ ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା। ଉକ୍ତ କର୍ମଶାଳାରେ ବିଭିନ୍ନ ୱାର୍ଡର କର୍ପୋରେଟର, ସ୍ୱଚ୍ଛ ସାଥୀ, ମିଶନ ଶକ୍ତିର ସଦସ୍ୟ, ବିଭାଗୀୟ ଯନ୍ତ୍ରୀ ଓ ବିଏମସିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା

ଛତ୍ରପୁର,୩୦।୧୧ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ସମାଜ ମଙ୍ଗଳ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଙ୍ଗନବାଡି କେନ୍ଦ୍ର କୋଠା, ବିଦ୍ୟୁତ ସଂଯୋଗ, ଖାଲି ପଡିଥିବା ଅଙ୍ଗନାବାଡିକର୍ମୀ ଓ ହେଲପର, ମମତା ଯୋଜନା, ପୋଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗଞ୍ଜାମ ଜିଲାରେ ୫୧୬୧ଟି କେନ୍ଦ୍ରରେ ରହିଥିବା ବେଳେ ୩୫୭୭ କୋଠା କାମ ଶେଷ ହୋଇଯାଇଛି। ୫୧୫ କେନ୍ଦ୍ର କାମ ବିଭିନ୍ନ କାରଣରୁ ଆରମ୍ଭ ହୋଇନଥିବା ବେଳେ ୪୬ଟି କେନ୍ଦ୍ରର କାମ ଶେଷ ହୋଇଯାଇଥିବା ବେଳେ ତାହା ହସ୍ତାନ୍ତର ହୋଇନାହିଁ। ଆଦୌ କାମ ହୋଇ ନ ଥିବା କେନ୍ଦ୍ରଗୁଡିକର ତୁରନ୍ତ କାମ ଆରମ୍ଭ କରିବା ସହ ପ୍ରତ୍ୟେକ ଶେଷ ହୋଇଥିବା କେନ୍ଦ୍ରଗୁଡିକର ବିଦ୍ୟୁତ ସଂଯୋଗ କରିବାକୁ କହିଥିଲେ। ଖାଲି ପଡିଥିବା ୪୦ ଅଙ୍ଗନବାଡି କର୍ମୀ ଓ ୫୫ ଜଣ ହେଲପର ନିଯୁକ୍ତି କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏବେ ଅଣ୍ଡାଦର ବୃଦ୍ଧି ହେତୁ ବହୁ ସମସ୍ୟା ଉପୁଜୁଛି। ଏନେଇ ପ୍ରତି ବ୍ଲକରେ ଭେଣ୍ଡର ସ୍ଥିର କରି ଯିଏ କମ ଦରରେ ଅଣ୍ଡା ଯୋଗାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା । ଜିଲାରେ ୩ ଲକ୍ଷ ୧୦ ହଜାର ୨୬୧ ଶିଶୁରୁ ୧୦୪ ଶିଶୁ ଅତିଶୟ ପୁଷ୍ଟି ହୀନତାର ଶିକାର ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କୁହାଯାଇଛି । ପୋଷଣ ଟ୍ରାକର ରାଜ୍ୟରେ ଗଞ୍ଜାମ ଜିଲା ଭଲ ପ୍ରଦର୍ଶନ କରି ରାଜ୍ୟରେ ପୁରସ୍କୃତ ହୋଇଥିବାରୁ ଜିଲାପାଳ ସମସ୍ତ ସିଡିପିଓ ଓ ସୁପରଭାଇଜରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗର୍ଭବତୀ ମହିଳା ସମେତ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ କିପରି ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ବୈଠକରେ କୁହାଯାଇଛି । ଜିଲାରେ ମମତା ଯୋଜାନର ସଠିକ ରୂପାୟନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରବିନଙ୍କ ସହ ସମସ୍ତ ସିଡିପିଓମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ବିଶ୍ୱ ଏଡସ୍ ଦିବସ, ସ୍ଥାନ- ଆଇଇସି ହଲ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା ।

**ବୁଗୁଡ଼ା**

- ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ- ବୁଗୁଡା ପଶୁଡାକ୍ତର ଖାନା ପ୍ରାଙ୍ଗଣ, ସମୟ- ପୂର୍ବାହ୍ନ ୯ ଟା ।

## ସଂକ୍ଷେପରେ

### ୧୫ ବର୍ଷ ପରେ ଲାଞ୍ଚ ମାମଲାର ରାୟ ପ୍ରକାଶ
### ତତ୍କାଳୀନ କିରାଣି ନିର୍ଦ୍ଦୋଷ

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

୨୦୦୮ରେ ବ୍ରହ୍ମପୁର ସ୍ୱତନ୍ତ୍ର ଟ୍ରେଜେରୀ ଅଫିସର କିରାଣି ବସନ୍ତ କୁମାର ବେହେରା ଲାଞ୍ଚ ଗ୍ରହଣ ମାମଲାରେ ଗିରଫ ହୋଇଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ୧୫ ବର୍ଷ ପରେ ଗୁରୁବାର ବୃତାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ତତ୍କାଳୀନ କିରାଣି ବେହେରାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବ୍ରହ୍ମପୁର ଗେଟ୍‌ବଜାର ନିକଟ ସୂର୍ଯ୍ୟ ନଗରର ସୁବାସ ଚନ୍ଦ୍ର ପାଢ଼ୀ କଳାହାଣ୍ଡି ଜିଲା ନର୍ଲାରେ ସହକାରୀ କୃଷି ଅଧିକାରୀ ଭାବେ କାମ କରୁଥିଲେ। ସେ ୨୦୦୨ ଜୁନ ୩୦ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଯୋଗୁ ତାଙ୍କର ପେନ୍‌ସନ ବନ୍ଦ ରହିଥିଲା। ୨୦୦୮ ଏପ୍ରିଲରେ ତାଙ୍କର ପେନସନ ଲାଗୁ ହୋଇଥିଲା। ସେ ବ୍ରହ୍ମପୁର ଟ୍ରେଜେରୀ ଅଫିସର ପେନସନ ଓ ଅନ୍ୟାନ୍ୟ ବକେୟା ଅର୍ଥ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ତେବେ ପେନସନ ମିଳିଯାଇଥିବା ବେଳେ ତାଙ୍କର କାର୍ଯ୍ୟକାଳ ସମୟ ମଧ୍ୟରେ ଛୁଟି ବାବଦକୁ ୧ଲକ୍ଷ ୮୪ ହଜାର ୧୨୩ ଟଙ୍କା ପାଇବାର ଥିଲା। ଏହି ବିଲ ପାସ କରିବା ପାଇଁ ସୁବାସ ଟ୍ରେଜେରୀ କାର୍ଯ୍ୟାଳୟର କିରାଣି ବେହେରାଙ୍କୁ ସାକ୍ଷାତ କରିଥିଲେ। ଏଥିପାଇଁ ସେ ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଘଟଣା ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୦୮ ଜୁନ ୫ ତାରିଖରେ ସୁବାସ ଉକ୍ତ କାର୍ଯ୍ୟାଳୟକୁ ଯାଇ କିରାଣିଙ୍କୁ ୧ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଭିଜିଲାନ୍ସ ଟିମ ଚଢ଼ାଉ କରି ଟଙ୍କା ଜବତ କରିବା ସହ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ପାରଳାଖେମୁଣ୍ଡି ଟ୍ରେଜେରୀ କାର୍ଯ୍ୟାଳୟରେ କିରାଣି ତଥା ମାମଲାର ଅଭିଯୁକ୍ତ ବସନ୍ତ କୁମାର ବେହେରା କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ ଓ ମନୋଜ କୁମାର ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ।

# ସଚେତନତା ସତ୍ତ୍ୱେ ବି ରୋକ୍ ଲାଗୁନି

## ଆଜି ବିଶ୍ୱ ଏଡ୍‌ସ ଦିବସ

- ଗଞ୍ଜାମର ୮ ବ୍ଲକରେ ୧ ହଜାରରୁ ଅଧିକ ଆକ୍ରାନ୍ତ
- ଜିଲାରେ ୨୦୦୦ରୁ ଏଯାଏ ଗଲାଣି ୭୦୪ ଜୀବନ

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଡିସେମ୍ବର ୧ ତାରିଖରେ ବିଶ୍ୱ ଏଡସ୍ ଦିବସ। ଏହି ଦିବସରେ ରାଲି, ସଭା ଆୟୋଜନ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ବି ଗଞ୍ଜାମ ଜିଲାରେ ରୋଗୀଙ୍କ ସଂଖ୍ୟା କମୁନି। ପ୍ରତିବର୍ଷ ସାରା ରାଜ୍ୟରୁ ଚିହ୍ନଟ ହେଉଥିବା ଏଡ୍‌ସ ରୋଗୀଙ୍କ ମଧ୍ୟରୁ ସର୍ବାଧିକ ୩୦ପ୍ରତିଶତ ଗଞ୍ଜାମ ଜିଲାର ବୋଲି ରେକର୍ଡ଼ କହୁଛି। ପୂର୍ବରୁ ଏହି ସଂଖ୍ୟା ୩୫ ପ୍ରତିଶତ ରହିଥିଲା। ରୋଗୀ ଚିହ୍ନଟ ସଂଖ୍ୟା ହ୍ରାସ ପାଇଥିଲେ ସୁଦ୍ଧା ଏଚ୍‌ଆଇଭି ପଜିଟିଭ୍ କ୍ଷେତ୍ରରେ ଗଞ୍ଜାମ ୧ନମ୍ବର ଜିଲା ଭାବେ ଦୁର୍ନାମ ମୁଣ୍ଡାଇ ଚାଲିଛି। ଏହାର ମୁଖ୍ୟ କାରଣ ଦାଦନ ସମସ୍ୟା। ଜିଲାରୁ ପ୍ରତିବର୍ଷ ହଜାର ହଜାର ଲୋକ କାମ କାମ କରିବାକୁ ସୁରଟ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଚେନ୍ନାଇ ଆଦିକୁ ଯାଉଛନ୍ତି। ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ ଯୋଗୁ ଏହି ରୋଗୀ ସଂଖ୍ୟା ବଢୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

୨୦୦୦ରୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ମୋଟ ୧୯ଲକ୍ଷ ୨୨ହଜାର ୭୫୬ ଜଣଙ୍କ କାଉନସେଲିଂ କରାଯାଇ

**ଗତ ୭ ବର୍ଷରେ ଚିହ୍ନଟ ରୋଗୀ ସଂଖ୍ୟା**

| ବର୍ଷ | ଟେଷ୍ଟ | ପଜିଟିଭ୍ |
|---|---|---|
| ୨୦୧୭ | ୧୩୪୦୧୬ | ୬୫୯ |
| ୨୦୧୮ | ୧୨୬୨୩୯ | ୬୭୧ |
| ୨୦୧୯ | ୧୨୫୮୯୨ | ୬୭୭ |
| ୨୦୨୦ | ୧୦୭୮୪୯ | ୩୯୮ |
| ୨୦୨୧ | ୧୨୮୭୫୬ | ୪୩୦ |
| ୨୦୨୨ | ୧୪୫୯୬୫ | ୫୧୪ |
| ୨୦୨୩ (ଅକ୍ଟୋବର) | ୨୨୦୧୭୩ | ୪୨୫ |

୧୭ଲକ୍ଷ ୬୩ ହଜାର ୩୬୯ ଜଣଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ମୋଟ ୧୭ହଜାର ୯୫୦ ଜଣଙ୍କ ରକ୍ତ ନମୁନାରେ ଏଚ୍‌ଆଇଭି ପଜିଟିଭ୍ ଆସିଥିବା ଜିଲା ଏଡସ୍ ସେଲ୍‌ର ଅଧିକାରୀ ହେମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୪୨୫ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୦୦ରୁ ୨୦୨୩ ଅକ୍ଟୋବର ସୁଦ୍ଧା ୭୦୪ ଜଣଙ୍କର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ବ୍ରହ୍ମପୁର ମହାନଗରରେ ରହୁଥିବା ୨୪ ଜଣଙ୍କର ଜୀବନ ଯାଇଛି। ଚଳିତବର୍ଷ ବ୍ରହ୍ମପୁରରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏଡ୍‌ସ ରୋକିବାକୁ ବିଶେଷକରି ୧୭ରୁ ୨୫ ବର୍ଷର ଯୁବପିଢି ସଚେତନ ରହିବା ସହ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ରହିଛି। ସେହିପରି ବିବାହ ପୂର୍ବରୁ ଯୁବପିଢ଼ି ସେମାନଙ୍କ ଏଚଆଇଭି ସ୍ଥିତି ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ ବୋଲି ସେ ସୂଚନା ଦେଇଛନ୍ତି। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରୁ ପୋଲସରା ବ୍ଲକରୁ ସର୍ବାଧିକ ୧୩୧୭ ଜଣ ରୋଗୀ ରହିଛନ୍ତି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ୨୧ଜଣ ଗର୍ଭବତୀ ଏଡସ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୦୦ରୁ ଗତ ଅକ୍ଟୋବର ସୁଦ୍ଧା ମୋଟ ଗର୍ଭବତୀ ପଜିଟିଭ୍ ସଂଖ୍ୟା ୧୦୧୭ ରହିଛି। ଏଡସ୍ ରୋଗୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ଏମକେସିଜି ବଡ଼ ଡାକ୍ତରଖାନା ଓ ଭଞ୍ଜନଗର ମେଡିକାଲରେ ଏଆରଟି ସେଣ୍ଟର୍ ରହିଛି। ସେହିପରି ଆସିକା, ପୋଲସରା ଓ ଖଲ୍ଲିକୋଟ ବ୍ଲକରେ ଲିଙ୍କ୍ ଏଆରଟି ସେଣ୍ଟର୍ ରହିଛି। ସେଠାରେ ରୋଗୀଙ୍କୁ କାଉନସେଲିଂ କରି ଔଷଧ ଦେବା ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ଜିଲାର ୧୮ ବ୍ଲକରେ ଏଡସ୍ ରୋଗୀଙ୍କ ସଂଖ୍ୟା ୫ଶହରୁ ଅଧିକ ରହିଛି। ପୋଲସରା ବ୍ଲକରେ ୨୦୦୦ରୁ ଗତ ଅକ୍ଟୋବର ସୁଦ୍ଧା ସର୍ବାଧିକ ୧୩୧୭ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆସିକାରେ ୧୨୦୩ ଜଣ, ବେଗୁନିଆପଡ଼ାରେ ୧୧୯୨, ପୁରୁଷୋତ୍ତମପୁରରେ ୧୧୬୨ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଖଲ୍ଲିକୋଟରେ ୯୫୩, ହିଞ୍ଜିଳିକାଟୁରେ ୮୬୦, କବିସୂର୍ଯ୍ୟନଗରରେ ୮୧୩, ବେଲଗୁଣ୍ଠାରେ ୭୫୭, ଶେରଗଡ଼ରେ ୭୩୭, ଭଞ୍ଜନଗରରେ ୬୬୮, ରଙ୍ଗେଇଲୁଣ୍ଡାରେ ୬୬୦, ବୁଗୁଡାରେ ୫୯୫, ଛତ୍ରପୁରରେ ୬୦୮, ଦିଗପହଣ୍ଡିରେ ୬୦୨, ଧରାକୋଟରେ ୫୫୨, ସାନଖେମୁଣ୍ଡିରେ ୫୮୦, କୁକୁଡ଼ାଖଣ୍ଡିରେ ୫୫୩ ଓ ବ୍ରହ୍ମପୁର ମହାନଗରରେ ୯୮୭ଜଣ ରୋଗୀ ଚିହ୍ନଟ ହୋଇଛନ୍ତି।

## ସ୍ତ୍ରୀ ହତ୍ୟା ମାମଲା, ସ୍ୱାମୀଙ୍କୁ ୧୫ ବର୍ଷ କାରାଦଣ୍ଡ

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍( ଏଡିଜେ- ୩ )ରାଜକୁମାର ଦାଶ ୧୦ବର୍ଷ ପରେ ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଗୋସାଣିନୂଆଗାଁ ଥାନା ସଦାନନ୍ଦ ବିହାର ଦ୍ୱିତୀୟ ଲାଇନର ବୁଲୁ ସାହୁ(୫୨)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରିବା ସହ ୧୫ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି ।


ଦୋଷୀ ବୁଲୁ ସାହୁ।

ବୁଲୁ ଏକ ଘରୋଇ କଲେଜରେ ପିଅନ ଥିଲେ। ୨୦୦୮ରେ ରାଜୀବ ନଗରରେ ରହୁଥିବା ଲଡୁ କିଶୋର ପାଢ଼ୀଙ୍କ ଝିଅ ଝିଲିଙ୍କୁ ସେ ବିବାହ କରିଥିଲେ। ୨ବର୍ଷ ପରେ ସେମାନଙ୍କ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ବିବାହ ପରଠାରୁ ବୁଲୁ ଅଧିକ ଯୌତୁକ ଦାବି କରି ଝିଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୩ ମେ ୨୫ରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ବୁଲୁ ଶିଳପୁଆରେ ଝିଲିଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ବୁଲୁ ପୁଅକୁ ନେଇ ଅଜାଘରେ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ଝିଲିଙ୍କ ମା' ଉର୍ମିଳା ପାଢ଼ୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ଦିନକ ପରେ ଫେରାର ବୁଲୁଙ୍କୁ ଗିରଫ କରାଯାଇଥିଲା। ମାମଲାର ବିଚାର ବେଳେ ମୋଟ ୧୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବୁଲୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ଗୁରୁବାର ରାୟ ପ୍ରକାଶ ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।

## ନବବଧୂଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ହିଞ୍ଜିଳିକାଟୁ, ୩୦।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ତଥା ସାନଖେମୁଣ୍ଡି ବ୍ଲକ ଆଡପଡା ଗ୍ରାମର ଜଣେ ନବବଧୂଙ୍କ ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ସେ ହେଲେ ଆଡପଡା ପେଣ୍ଠୁରାଲୁଣ୍ଡି ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ ସ୍ତ୍ରୀ ଝିଲି(୨୨)। ଝିଲି ଗାଧୋଇବା ପାଇଁ ବାଥରୁମ ମଧ୍ୟରେ ଥିବା ପାଣି ଗରମ ହିଟର ବିଦ୍ୟୁତ ଆଘାତରୁ ନବବଧୂଙ୍କ ମୃତ୍ୟୁ ହୋଇଥିବା ଶଶୁର ଘର ଲୋକେ ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଝିଲିଙ୍କ ବାପା ପାଟପୁର ଥାନା ଏରେଣ୍ଡ୍ରା ଗ୍ରାମର ସୁଦାମ ବିଷୋୟୀ ଝିଅ ଝିଲିକୁ ଶଶୁର ଘର ଲୋକେ ଯୌତୁକ ନିର୍ଯ୍ୟତେନା ଦେଇ ସୁଚିନ୍ତିତ ଭାବେ ହତ୍ୟା କଯାଛି ବୋଲି ହିଞ୍ଜିଳି ଥାନାରେ ଘଟଣା ସ୍ଥଳରେ ସାଇଣ୍ଟଫିକ୍ ଟିମ୍ ପହଞ୍ଚି ଘଟଣାର ସରଜମିନ ତଦନ୍ତ କରିଛନ୍ତି । ୨୦୨୦ରେ ଝିଲି ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବି କରି ଝିଲିକୁ ଶଶୁର ଘର ଲୋକେ ନିର୍ଯାତନା ଦେଉଥିବା ଝିଲିଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ହିଞ୍ଜିଳି ଥାନାରେ କେସ ୯୦୮/୨୩ରେ ଏକ ମାମଲା ରୁଜୁ ହୋଇଛି । ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯାଇଛି ।

# ଯୁବ, ଛାତ୍ର ବିଜେଡିର ସ୍ୱତନ୍ତ୍ର ସମାବେଶ



ସମାବେଶରେ ଉପସ୍ଥିତ ବିଜେଡି ନେତ୍ରୀ ଓ ନେତା ।

ବ୍ରହ୍ମପୁର,୩୦।୧୧(ନରସିଂହ ସାହୁ)- ବ୍ରହ୍ମପୁରରେ ଗୁରୁବାର ସନ୍ଧ୍ୟାରେ ଯୁବ ଓ ଛାତ୍ର ବିଜେଡି ସଙ୍ଗଠନର ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ, କନ୍ଧମାଳ ଓ ବ୍ରହ୍ମପୁର ଯୁବ ଛାତ୍ର ସଂଗଠନର ସହସ୍ରାଧିକ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟମାନେ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟତଃ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ' କାର୍ଯ୍ୟକ୍ରମରେ ଦଳୀୟ ଏମ୍‌ପି, ବିଧାୟିକା ବିଧାୟକମାନେ ଯୋଗ ଦେଇଥିଲେ। ରାଜ୍ୟ ନେତା ପ୍ରଣବ ବଳବନ୍ତରାୟ, ଦେବୀ ରଞ୍ଜନ ତ୍ରିପାଠୀ ଓ ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ବାସଭବନ ସମ୍ମୁଖ ପଡ଼ିଆରେ ଆୟୋଜିତ ସମାବେଶରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଷୋୟୀଙ୍କ ସମେତ ୨ ଜିଲାର ବିଧାୟକମାନେ ସମବେତ ଯୁବ ଗୋଷ୍ଠୀଙ୍କୁ ନବୀନ ଓଡ଼ିଶାର ରାଜନୈତିକ ମାର୍ଗଦର୍ଶନ ଦେଇଥିଲେ।

ସାଧାରଣ ନିର୍ବାଚନ ନିକଟତର ହୋଇଥିବା ବେଳେ ଯୁବ ଓ ଛାତ୍ର ବିଜେଡିର ଏହି ସମାବେଶକୁ ରାଜନୈତିକ ସମୀକ୍ଷକ ଗୁରୁତ୍ୱ ଦେଇଛନ୍ତି। ନିର୍ବଚାନରେ ମହିଳା ସମେତ ବିଜେଡି ଯୁବ କାର୍ଡ ଖେଳିବାର ଅନୁମାନ କରୁଛନ୍ତି। ଚନ୍ଦ୍ରଶେଖର ଓ ବିକ୍ରମ ଭାଷଣ ପ୍ରସଙ୍ଗରେ ଯୁବ ଓ ଛାତ୍ର ବିଜେଡି ସଂଗଠନକୁ ଭୂୟସୀ ପ୍ରଶଂସା କରିଥିଲେ। ଆମ ଓଡ଼ିଶା ଓ ନବୀନ ଓଡ଼ିଶାର ମୂଳ ଉଦ୍ଦେଶ୍ୟ ନେଇ ବିସ୍ତୃତ ଆଲୋକପାତ କରିଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ୨୪ ବର୍ଷର ଶାସନରେ ରାଜ୍ୟର ସର୍ବାଙ୍ଗୀନ ବିକାଶ ଲାଗି ନେଇଥିବା ବହୁମୁଖୀ ପଦକ୍ଷେପ ସମ୍ପର୍କରେ ଛାତ୍ର ଓ ଯୁବକମାନେ ପ୍ରତ୍ୟେକ ପରିବାରକୁ ଭେଟି ସଚେତନ କରାଇବାକୁ ଆହ୍ୱାନ ଦିଆଯାଇଥିଲା।

ବିଧାୟିକା ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ବିଜେଡି ନେତା ଅଜିତ ପଣ୍ଡା, ଭବାନୀ କାନ୍ତ ସାହୁ, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଇଏମସି ମେୟର ସଂଘମିତ୍ରା ଦଳେଇ, ମହାନଗର ବିଜେଡି ସଭାପତି ବିଜୟ ସାମଲ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ମହାନଗର ନିଗମ ଡେପୁଟି ମେୟର ବିବେକ ରେଡ଼ି, କର୍ପୋରେଟର ସୁରେନ୍ଦ୍ର ମହାରଣା ଓ ଅନ୍ୟମାନେ ଏବଂ ମହିଳା ସଂଗଠନର ନେତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାନଗରର ଯୁବନେତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

Bmp.selfie@gmail.com


@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଘରେ ବସି ଅନ୍‌ଲାଇନରେ ଚାକିରି ମହଙ୍ଗା ପଡିଲା
## ମହିଳାଙ୍କ ଆକାଉଣ୍ଟରୁ ୧୯ ଲକ୍ଷ ନେଇଗଲେ ଠକ

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଦିନକୁ ଦିନ ସାଇବର ଠକେଇ ବଢିବାରେ ଲାଗିଛି। ଘରେ ବସି ଅନଲାଇନରେ ଚାକିରି କରିବା ଏବେ ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି। ବ୍ରହ୍ମପୁରର ଏହି ମହିଳା ଜଣଙ୍କ ୧୯ ଲକ୍ଷ ୨୬ ହଜାର ୭୩୮ ଟଙ୍କା ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ତାଙ୍କୁ ବିଭିନ୍ନ ଲୋଭ ଦେଖାଇ ଟଙ୍କା ଠକି ନେଇଛନ୍ତି। ଏହା ଜାଣିବା ପରେ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨୬/୨୩ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

ବ୍ରହ୍ମପୁର ଖାଜା ସାହି ଷଷ୍ଠ ଗଳିରେ ରହୁଥିବା ୩୭ ବର୍ଷୀୟା ମହିଳାଙ୍କ ମୋବାଇଲ ଫୋନ୍‌କୁ ଗତ ୧୫ ତାରିଖରେ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ସେଥିରେ ଅନଲାଇନରେ ଚାକିରି ଅଫର ରହିଥିଲା। ୟୁଟ୍ୟୁବ ଚ୍ୟାନେଲକୁ ସବସ୍କ୍ରାଇବ ଓ ଲାଇକ କଲେ ଟଙ୍କା ମିଳିବ ବୋଲି କୁହାଯାଇଥିଲା। ମେସେଜ ସହ ଆସିଥିବା ଲିଙ୍କ ଜରିଆରେ ସେ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ଟେଲିଗ୍ରାମ ଚ୍ୟାନେଲ ପକ୍ଷରୁ ତାଙ୍କୁ ପ୍ରଥମେ ୨ ଟି ଭିଡିଓକୁ ଲାଇକ କରିବାକୁ କୁହାଯାଇଥିଲା। ଏଥିପାଇଁ ତାଙ୍କୁ ୧୧୭ ଟଙ୍କା ମିଳିବ ବୋଲି କୁହାଯାଇଥିଲା। ସେହିକ୍ରମରେ ମହିଳା ଜଣଙ୍କ ୨ଟି ଭିଡିଓକୁ ଲାଇକ କରିଥିଲେ। ଏ ବିଷୟରେ ସଂପୃକ୍ତ ଟେଲିଗ୍ରାମ ଚ୍ୟାନେଲରେ ଜଣାଇଥିଲେ। ସେହିକ୍ରମରେ ମହିଳାଙ୍କ ନିକଟକୁ ଟଙ୍କା ପଠାଇବାକୁ ଚାହୁଁଥିବା ତନଷା ନାମକ ଜଣେ ସାଇବର ଠକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ସମସ୍ତ ତଥ୍ୟ ମାଗି ନେଇଥିଲେ। ଏହା ପରେ ମହିଳାଙ୍କ ଆକାଉଣ୍ଟକୁ ପ୍ରଥମେ ୧୧୭ ଟଙ୍କା ଆସିଥିଲା। ଏହା ଦେଖି ମହିଳାଙ୍କ ଲୋଭ ବଢିଥିଲା। ଏହା ପରେ ମହିଳାଙ୍କୁ ସାଇବର ଠକମାନେ ଆଉ କିଛି କାମ ଦେଇଥିଲେ। ଅନଲାଇନରେ ଟ୍ରେଡିଂ କରି ଅଧିକରୁ ଅଧିକ ଟଙ୍କା ରୋଜଗାର କରି ପାରିବେ ବୋଲି ଲୋଭ ମଧ୍ୟ ଦେଖାଇଥିଲେ। ସାଇବର ଠକଙ୍କ କଥାରେ ପଡି ମହିଳା ଜଣଙ୍କ ପ୍ରଥମେ ୧୧୦୦ ଟଙ୍କା ଦେଇଥିଲେ । ତା' ପରେ ପରେ ବିଭିନ୍ନ ପର୍ଯ୍ୟାୟରେ ସେ ୫ ଦିନ ଭିତରେ ମୋଟ ୧୯ ଲକ୍ଷ ୨୬୭୩୮ ଟଙ୍କା ଜମା କରିଥିଲେ। ହେଲେ ସେପଟୁ ଲାଭ ତ ଦୂରର କଥା ମୂଳ ଟଙ୍କା ବି ମହିଳା ଜଣଙ୍କ ଟଙ୍କା ଫେରି ଫେରିପାଇନଥିଲେ। ଓଲଟି ତାଙ୍କୁ ଆଉ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ମହିଳା ଜଣଙ୍କ ସବୁ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ଔଷଧ ଦୋକାନରୁ ଚୋରି

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)- ଟାଉନ ଥାନା ଅନ୍ତର୍ଗତ ବିଜିପୁର ଛକରେ ଥିବା କେସିଏମ ଔଷଧ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର କାନ୍ଥ କଣା କରି ଭିତରେ ପଶି ୫୦ ହଜାର ଟଙ୍କା, ୨ଟି ଲାପ୍‌ଟପ ଓ ସିସି ଟିଭି କ୍ୟାମେରା ପାଇଁ ବ୍ୟବହୃତ ଡିଭିଆର ଚୋରାଇ ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ, ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଖପାଖ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ ଚାଲିଛି। ୩ ଜଣ ମୁଖାପିନ୍ଧା ଯୁବକ ଏହି ଚୋରି କରିଥିବା ଔଷଧ ଦୋକାନର ହିଡେନ କ୍ୟାମେରାରେ କଏଦ୍ ହୋଇଛି। ସବୁଦିନ ଭଳି ବୁଧବାର ରାତି ପ୍ରାୟ ୧୦ଟାରେ ଦୋକାନ କର୍ମଚାରୀମାନେ ତାଲାବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳୁ କର୍ମଚାରୀମାନେ ଦୋକାନ ଖୋଲି ଦେଖିଲା ବେଳକୁ ଲାପଟପ ନାହିଁ ଏବଂ କ୍ୟାସ ଡ୍ରଏର ଖୋଲା ରହିଛି। ଦୋକାନ ମାଲିକଙ୍କ ଅଭିଯୋଗକୁ ନେଇ ପୋଲିସ ୫୧୨/୨୩ରେ ମାମଲା ରୁଜୁ କରି ଛାନଭିନ କରୁଛି।

## ଲାଞ୍ଚ ମାମଲା, ପୂର୍ବତନ ସିଡିପିଓଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୩୦।୧୧(ରାକେଶ କୁମାର ରାଉତ)

ଏକ ଲାଞ୍ଚ ନେବା ମାମଲାର ବିଚାର କରି ଗୁରୁବାର କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଜରିମାନା ଏବଂ ଏହା ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲା କଣ୍ଟାମାଳର ପୂର୍ବତନ ସିଡିପିଓ ଯଶୋବନ୍ତୀ ବେହେରା।

କଣ୍ଟାମାଳ ବ୍ଲକ ଆମ୍ବଗାଁର ମା' ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ବିଭିନ୍ନ ପଞ୍ଚାୟତକୁ ଯୋଗାଉଥିଲା। ୨୦୧୬ ନଭେମ୍ବର ଓ ଡିସେମ୍ବର ମାସର ଛତୁଆ ବିଲ୍ ସିଡିପିଓଙ୍କ କାର୍ଯ୍ୟାଳୟରୁ ପାଇବାର ଥିଲା। ଏହି ବିଲ୍ କରିବା ପାଇଁ ସିଡିପିଓ ଯଶୋବନ୍ତୀ ଏସ୍‌ଏଚ୍‌ଜି ସମ୍ପାଦିକାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପାଦିକା ଶୈଳବାଳା ଦାଶ ଏ ନେଇ ୨୦୧୭ ଜାନୁୟାରୀ ୧୧ରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୧୨ ତାରିଖରେ ସିଡିପିଓ ତାଙ୍କ କାର୍ଯ୍ୟାଳୟରେ ଏହି ଅର୍ଥ ଗ୍ରହଣ କରିଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ସହ ସିଡିପିଓଙ୍କୁ ଗିରଫ କରିଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୬/୧୭ରେ ମାମଲା ରୁଜୁ ହୋଇଥିଲା। ମୋଟ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଅନ୍ୟ ତଥ୍ୟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ସିଡିପିଓ ଯଶୋବନ୍ତୀ ୨୦୨୧ ଏପ୍ରିଲ ୩୦ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।

## କୁମାରୀ ମାତୃତ୍ୱ ପରେ ଆଖି ବୁଜିଲେ ମା'

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

### ସା' ହେପାଜତରେ ନବଜାତ ଶିଶୁପୁତ୍ର

ଗଞ୍ଜାମ ଜିଲାରେ ଜଣେ ନାବାଳିକା ଗର୍ଭବତୀଙ୍କ ଯତ୍ନ ଅଭାବରୁ ପ୍ରସବ ପରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ଅଙ୍ଗନୱାଡି କେନ୍ଦ୍ରରେ ତାଙ୍କର ଯତ୍ନ ନିଆ ନଯିବା ଏବଂ ନିୟମିତ ଚିକିତ୍ସା ନ ହେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବେ ତଦନ୍ତ ଆରମ୍ଭ କରିଛି। ସେପଟେ ପ୍ରସବ ପରେ ଏମକେସିଜିରୁ ଶିଶୁ ଗାଏବ ହୋଇଥିଲା। ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧ୍ୟକ୍ଷ ଖୋଳତାଡ଼ କରିବା ପରେ ଶିଶୁଟି ଧରାକୋଟରୁ ଉଦ୍ଧାର ହୋଇଛି। ଶିଶୁଟିକୁ ସିଡବ୍ଲ୍ୟୁସିରେ ହାଜର କରିବା ପରେ ନାମକରଣ କରାଯାଇଛି। ତାହାକୁ ଉତ୍କଳ ବାଳାଶ୍ରମରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର (ସା)କୁ ପଠାଇ ଦିଆଯାଇଛି। ଗୁରୁବାର ପୂର୍ବାହ୍ନରେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତଦେହ ଏମକେସିଜିରେ ହିଁ ପଡିରହିଛି। ସେପଟେ ପରିବାର ଲୋକ ଓ ସମ୍ପର୍କୀୟ ମାନେ ମୃତଦେହ ନେବାକୁ ଆସିନାହାନ୍ତି ବୋଲି ଏମକେସିଜି ଅଧୀକ୍ଷକ ପ୍ରଫେସର ଡା.ସୂଚିତ୍ରା ଦାଶ କହିଛନ୍ତି। ପ୍ରସୂତିଙ୍କ ମମତା କାର୍ଡ ମଧ୍ୟ ନାହିଁ ବୋଲି ସେ କହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ବଡ଼ଗଡ଼ ଥାନା ଅଞ୍ଚଳର ନାବଳିକାଙ୍କ ବାପା ମାଆ କେହି ନଥିବା ବେଳେ ସେ ଜେଜେମା ପାଖରେ ରହୁଥିଲେ। ବିବାହ ପୂର୍ବରୁ ଗର୍ଭବତୀ ହେବା ଜଣାପଡିବା ପରେ ସମ୍ପର୍କୀୟ ମାନେ ଦୂରେଇ ଯାଇଥିଲେ। ଗତ ୨୩ ତାରିଖରେ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହିମୋଗ୍ଲୋବିନ୍ କମ୍ ଥିବା ଜଣାପଡିବା ପରେ ଏମକେସିଜି ରେଫର କରାଯାଇଥିଲା। ସେଠାରେ ଗତ ୨୪ ତାରିଖରେ ତାଙ୍କର ଶିଶୁପୁତ୍ର ଜନ୍ମ ହୋଇଥିଲା। ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଶିଶୁପୁତ୍ରକୁ ଜଣ୍ଡିସ୍ ଥିବାରୁ ନିୟୋନେଣ୍ଟାଲ୍ ଆଇସିୟୁରେ ରଖାଯାଇଥିଲା। ଗତ ୨୮ତାରିଖରେ ଶିଶୁଟି ଗାଏବ ହୋଇଥିବା ସୁରାକ୍ ପାଇଥିଲେ ସିଡବ୍ଲୁସି ଅଧକ୍ଷ। ଖୋଳତାଡ଼ ପରେ ଶିଶୁଟିକୁ ଧରାକୋଟ ନିଆଯାଇଥିବା ଜଣାପଡିଥିଲା। ସିଡବ୍ଲ୍ୟୁସି ସଦସ୍ୟ ମାନେ ସଂପୃକ୍ତ ଆଶାକୁ ଯୋଗାଯୋଗ କରିବା ପରେ ସେ ଶିଶୁକୁ ଆଣି ସିଡବ୍ଲୁସିରେ ହାଜର କରିଥିଲେ ଏବଂ ତାଙ୍କୁ ସା'କୁ ନିଆଯାଇଥିଲା। ଶିଶୁଟି ଅସୁସ୍ଥ ଥିବାରୁ ତାକୁ ପୁଣି ଏମକେସିଜିରେ ଭର୍ତ୍ତି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରି ଡ. ଉମା ଶଙ୍କର ମିଶ୍ର କହିଛନ୍ତି, ନବଜାତ ଶିଶୁପୁତ୍ରକୁ ଆଶା ଡାକ୍ତରଖାନାରୁ କାହିଁକି ନେଇଯାଇ ଥିଲେ ତାହାର ତଦନ୍ତ ହେବ।

